## ହାଇୱା ପଛରେ ଧକ୍କାହେଲା ବାଇକ୍; ଆରୋହୀ ମୃତ

**ବଣାଇଁ, ୮।୨(ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ବଣାଇଁ ଥାନା ଅନ୍ତର୍ଗତ ବାବୁ ନୂଆଗାଁ ନିକଟରେ ଏକ ହାଇୱା ପଛରେ ବାଇକ୍ ଧକ୍କା ହେବାରୁ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦପୁର ପଞ୍ଚାୟତ ପଣ୍ଡୁଆ ଗ୍ରାମର ଆକାଶ ପାତ୍ର (୨୧)। ଆକାଶ ଦର୍ଜ୍ଜିଂ ଟୋଲ ଗେଟ୍‌ରେ କାର୍ଯ୍ୟ କରନ୍ତି। ସବୁଦିନ ଭଳି ବୁଧବାର ରାତିରେ କାର୍ଯ୍ୟ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଅସାବଧାନତା ବଶତଃ ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ହାଇୱା ପଛରେ ଧକ୍କାହୋଇ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ପୁଲିସ ପାଟ୍ରୋଲିଂ ଟିମ୍ ଆକାଶଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ବଣାଇଁ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଟ୍ରକରୁ ଝୁଲନ୍ତା ମୃତଦେହ ଉଦ୍ଧାର



**କୋଇଡ଼ା, ୮।୨(ସମିସ):** କୋଇଡ଼ା ଥାନା କମଣ୍ଡଠାରେ ଛିଡ଼ା ହୋଇଥିବା ଟ୍ରକ ଭିତରୁ ଏକ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ଟ୍ରକଟି କମଣ୍ଡ ପ୍ଲାଣ୍ଟକୁ ଲୋଡ୍ ପାଇଁ ଆସିଥିବା ବେଳେ ଗୁରୁବାର ସେଥିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଖବର ପାଇ କୋଇଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି। ମୃତକ ଜଣକ ପଞ୍ଜାବର ଧର୍ମେନ୍ଦ୍ର ସିଂ ଓ ସେ ଜଣେ ଟ୍ରକ ମାଲିକ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଏନ୍‌ଡିଡିବି ଏବଂ ଜିଲ୍ଲା ପ୍ରଶାସନର ନୂତନ ବୁଝାମଣାପତ୍ର ସ୍ୱାକ୍ଷରିତ

# ବାର୍ଷିକ ୬୦ ଲକ୍ଷ ଟଙ୍କା ବ୍ୟୟ କରିବ ଆର୍‌ଏସ୍‌ପି





**ରାଉରକେଲା, ୮।୨(ସମିସ)**

ଆରଏସପି ବିଶ୍ରା ବ୍ଲକ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଅନନ୍ୟ ସିଏସଆର ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିକର ପଷ୍ଟୁରାଇଜଡ୍ ସୁସ୍ୱାଦୁ ସୁବାସିତ ପ୍ୟାକେଟ କ୍ଷୀର ଯୋଗାଇବା ସନ୍ଦର୍ଭରେ ନ୍ୟାସନାଲ ଡାଏରି ଡେଭେଲପମେଣ୍ଟ ବୋର୍ଡ (ଏନଡିଡିବି) ଫର୍ ନ୍ୟୁଟ୍ରିସନ, ଆନନ୍ଦ, ଗୁଜରାଟ ଏବଂ ଜିଲ୍ଲା ପ୍ରଶାସନ ସହିତ ଏକ ନୂତନ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଫେବୃଆରୀ ୬ ତାରିଖ ସ୍ୱାକ୍ଷରିତ ହୋଇଥିବା ଏହି ଏମଓୟୁରେ ଆରଏସପି ତରଫରୁ ସହର ପ୍ରଶାସନ ସିଏସଆର ବିଭାଗ ସିଜିଏମ ପ୍ରତାପ କୁମାର ସ୍ୱାଇଁ, ଏନଏଫଏନ ତରଫରୁ ନିର୍ବାହୀ ନିର୍ଦ୍ଦେଶକ ଏସ ରେଗପଥୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଏମଓୟୁ ସ୍ୱାକ୍ଷର କରିଥିଲେ। ପୂର୍ବ ଏମଓୟୁ ଅଧୀନରେ ୨୦୨୪ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଥିବା ଏହି ଉତ୍ତମ ସିଏସଆର ପଦକ୍ଷେପ ଜାରି ରଖିବା ଦିଗରେ ନୂତନ ଏମଓୟୁ ମାର୍ଗ ପ୍ରଶସ୍ତ କରିଛି।

ସୂଚନାଯୋଗ୍ୟ, ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ପରିକଳ୍ପିତ ଏହି ପ୍ରକଳ୍ପ ୨୦୨୩ ଡିସେମ୍ବରରେ ଆରମ୍ଭ ହୋଇଥିଲା। ଏହି ନୂତନ ଏମଓୟୁ ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ରହିବ ଏବଂ ଏଥିନିମନ୍ତେ ଆରଏସପି ଏକ ବର୍ଷ ନିମନ୍ତେ ୬୦ ଲକ୍ଷ ଟଙ୍କା ବ୍ୟୟ ବହନ କରିବ। ନୂତନ ଏମଓୟୁରେ କାର୍ଯ୍ୟକ୍ରମର ପରିସୀମା ସମ୍ପ୍ରସାରିତ କରାଯାଇଛି। ଏହି ଅଧୀନରେ ବିଦ୍ୟାଳୟ ସଂଖ୍ୟା ବିଦ୍ୟମାନ ୨୦ରୁ ୨୮କୁ ବୃଦ୍ଧି କରାଯାଇଛି ଏବଂ ହିତାଧିକାରୀ ଛାତ୍ରଙ୍କ ସଂଖ୍ୟା ମଧ୍ୟ ୧୧୫୦ରୁ ୧୪୭୦କୁ ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଅନନ୍ୟ ସିଏସଆର ପ୍ରୟାସର ଅଂଶ ସ୍ୱରୂପ ୨୦୦ ମିଲିଲିଟର ସ୍ୱାଦଯୁକ୍ତ ସୁବାସିତ କ୍ଷୀର ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରରେ ପ୍ରତି କାର୍ଯ୍ୟ ଦିବସରେ ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ମଧ୍ୟରେ ପୁଷ୍ଟିହୀନତାର ସ୍ତର ହ୍ରାସ କରିବା ଏହି ଯୋଜନାର ଲକ୍ଷ୍ୟ ରହିଥିବା କୁହାଯାଇଛି।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଲହୁଣୀପଡ଼ା, ୮।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଗତ ୨ ତାରିଖରୁ ଆରମ୍ଭ ହୋଇଛି। ବୁଧବାର ଏହି କାର୍ଯ୍ୟକ୍ରମ ରାଜାମୁଣ୍ଡା ପଞ୍ଚାୟତରେ ଆୟୋଜନ କରାଯାଇଥିଲା। ରାଜାମୁଣ୍ଡା ସରପଞ୍ଚ ମାଳତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ଲହୁଣୀପଡ଼ା ଜିଲ୍ଲାପରିଷଦ(କ) ସଦସ୍ୟା ଜୁଲିଆନି କାଣ୍ଡିର, ଲହୁଣୀପଡ଼ା ଏବିଡିଓ ଚୁକା ଓରାମଙ୍କ ସହ ଏପିଓ, କୃଷି ଅଧିକାରୀ ସୁଶାନ୍ତ କୁମାର ମାଟି, କନିଷ୍ଠଯନ୍ତ୍ରୀ, ରାଜାମୁଣ୍ଡା ପଞ୍ଚାୟତ ଇଓ କିରଣମୟୀ ବେହେରା ଓ ପଞ୍ଚାୟତ ସମିତି ସଦସ୍ୟ ଅଶୋକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ଲକ୍ଷ୍ମୀନାରାୟଣ ନଗରର ନୂତନ ଗ୍ରାମ୍ୟ କମିଟି ଗଠିତ

**ରାଉରକେଲା, ୮।୨(ସମିସ):** ସାରନଗରୀ ଉପର ବାଲିଯୋଡ଼ିସ୍ଥିତ ଏକ ଗ୍ରାମର ନୂତନ ନାମକରଣ କରାଯିବା ସହ ଏ ନେଇ ଏକ ଗ୍ରାମ୍ୟ କମିଟି ଗଠନ କରାଯାଇଛି।



ଗ୍ରାମର ଜଣାଶୁଣା ସମାଜସେବୀ ବିନୋଦ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଗ୍ରାମର ନାମକରଣ ନିମନ୍ତେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବସମ୍ମତି କ୍ରମେ ଉକ୍ତ ଗ୍ରାମକୁ ଲକ୍ଷ୍ମୀନାରାୟଣ ନଗର ନାମରେ ନାମିତ କରାଯାଇଛି। ପରେ ଗ୍ରାମର ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ସମାଧାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଲୋଚନା ହୋଇଥିଲା। ସର୍ବସମ୍ମତି କ୍ରମେ ଗ୍ରାମର ନୂତନ କମିଟି ଗଠିତ ହୋଇଛି। କମିଟିରେ ବିନୋଦ ବିହାରୀ ପଟ୍ଟନାୟକ ସଭାପତି, ନମିତା ବେହେରା ସମ୍ପାଦକ, ଦିଲୀପ ତନ୍ତୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟସଭ୍ୟା ଭାବେ ସନ୍ଧ୍ୟାରାଣୀ କିଣ୍ଡୋ, ବିଜୟ ସାହୁ, ଆଶାଲତା ଚୌଧୁରୀ, ରଶ୍ମି ଟପୋ, ପ୍ରଶାନ୍ତ କୁମାର ମିଶ୍ର, ଅଲେଖ ଚନ୍ଦ୍ର ସାହୁ, ଗୋପାଳକୃଷ୍ଣ ସାହୁ, ସଞ୍ଜୁଲତା ସାହୁ, ଶଶିଭୂଷଣ ମହାତୋ, ଉପଦେଷ୍ଟା ଭାବେ ବିଶିଷ୍ଟ କବି ସୃଜନୀ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆଙ୍କୁ ଚୟନ କରାଯାଇଛି। ଲଳିତା ଦେବୀ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କ ବିୟୋଗରେ ଶୋକ



**ରାଉରକେଲା, ୮।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ଭଞ୍ଜ ରାଉତଙ୍କ ୭୯ ବର୍ଷ ବୟସରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ମଝିଆ ପୁଅ ମନୋଜ ମୁଖାଗ୍ନି ଦେଇଥିଲେ। ଉପେନ୍ଦ୍ରଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମଧୁସୂଦନ ବଳ, ରମେଶ ଚନ୍ଦ୍ର ରଥ, ବିଶ୍ୱନାଥ ସାହୁ, ଦେବକାନ୍ତ ମହାପାତ୍ର, ଉଦୟ କୁମାର ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ରାଉତ ନିଖିଳ ଉତ୍କଳ ଖଣ୍ଡାୟତ ମହାସଭାର ପ୍ରତିଷ୍ଠାତା ସଦସ୍ୟ ଥିଲେ।

**● ରାଉରକେଲା ପୁସ୍ତକ ମେଳା**

## ଇସ୍ପାତ ସାହିତ୍ୟ ସଂସଦର ସାହିତ୍ୟ ଆଲୋଚନା ଓ କବିତା ପାଠ




**ରାଉରକେଲା, ୮।୨(ସମିସ):** ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ରାଉରକେଲା ପୁସ୍ତକ ମେଳାରେ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାହିତ୍ୟ ଆଲୋଚନା ତଥା କବିତା ପାଠ କାର୍ଯ୍ୟକ୍ରମ ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହ ଅତିଥି ଏବଂ କବିମାନଙ୍କୁ ସ୍ୱାଗତ କରିଥିଲେ। ସଂସଦ ଉପଦେଷ୍ଟା ହରମୋହନ ମିଶ୍ର ଏବଂ ତ୍ରିଲୋଚନ ମଥାନ ମଞ୍ଚାସୀନ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାଳଜୟୀ ପୁସ୍ତକଗୁଡ଼ିକ ସର୍ବଦା ସମାଜର ପୁନର୍ଗଠନ ଓ ଦିଗଦର୍ଶନ ଦେବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବୀ ସୁସ୍ମିତା ମହାପାତ୍ର ଏବଂ କବି ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ କବି ପ୍ରତାପ କୁମାର ପଣ୍ଡା, ତ୍ରିଲୋଚନ ମଥାନ, ସଂଗ୍ରାମ ମହାରଣା, ବ୍ରଜ ବିହାରୀ ଦାଶ, ମଞ୍ଜୁଳା ରଥ, ଶ୍ୱେତ କୁମାର ବେହେରା, ଭୀମସେନ ସାହୁ, ହରମୋହନ ମିଶ୍ର, ସତ୍ୟବ୍ରତ ଦାଶ, ତାରିଣୀ ଚରଣ ସାହୁ, ଗୀତାରାଣୀ ବେହେରା, ଅର୍ଚ୍ଚନା ପାତ୍ର, ପଦ୍ମନାଭ ନାୟକ, ନୃସିଂହ ଚରଣ ବିଶ୍ୱାଳ, ସୁଶାନ୍ତ କୁମାର ନାୟକ, ସୁସ୍ମିତା ମହାପାତ୍ର ଏବଂ ରଜତ କୁମାର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ, ଡ. କିଶୋରୀ ଦାଶ, ନୃସିଂହ ଚରଣ ମହାନ୍ତି, ବିଜୟ କୁମାର ପାତ୍ର, ସୁକାନ୍ତ ଖୁଣ୍ଟିଆ, ନଳିନୀକାନ୍ତ ଧର, ସବିତା ବସ୍ତିଆ, ଅଭୟ କୁମାର ଦାସ, ହରିହର ଶତପଥୀ, ପ୍ରତିମା ଶତପଥୀ, ନିରୂପମା ପତି, ଡ. ସୁମନ ଦତ୍ତ, ଡ. କରୁଣାକର ପାଟ୍ଟଶାଣୀ, ଅଜୟ କୁମାର ମହାନ୍ତି, ପରେଶ ବିଶ୍ୱାଳ, ଚନ୍ଦ୍ରଶେଖର ଶତପଥୀ, ବିଭୁପ୍ରସାଦ ନାୟକ, ରଘୁବର ଧଳ, ଅକ୍ଷୟ କୁମାର ଜେନା, ଡ. ବସନ୍ତ କୁମାର ଦାସ, ଡ. ସୁଶାନ୍ତ କିସାନ ପ୍ରମୁଖ କବି ଓ ଲେଖକମାନେ ଯୋଗଦେଇଥିଲେ। କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କୁଣ୍ଡୁପଡ଼ାରେ ଅଷ୍ଟପ୍ରହର ନାମ ଯଜ୍ଞ



**ରାଜଗାଙ୍ଗପୁର, ୮।୨(ସମିସ):** ମନସ୍କାମନା ପୂର୍ଣ୍ଣ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର କୁଣ୍ଡୁପଡ଼ାରେ ପ୍ରଶାନ୍ତ ମୁରାଇ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜନ କରିଥିଲେ। ବୁଧବାର ସନ୍ଧ୍ୟାରେ କଳସରେ ସ୍ଥାନୀୟ ପୋଖରୀରୁ ଜଳ ଆଣି ସ୍ଥାପନା କରିବା ପରେ ଗୁରୁବାର ପ୍ରଭାତରେ ନାମଯଜ୍ଞର ଶୁଭାରମ୍ଭ ହୋଇଛି। ଏଥିରେ ପୂଜକ ଭାବେ ବିଜୟ ବିହାରୀ ହୋତା ପୂଜାର୍ଚ୍ଚନା କରିଥିବା ବେଳେ ପ୍ରଶାନ୍ତ ମୁରାଇ ଓ ସନ୍ଧ୍ୟାରଣୀ ମୁରାଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥରେ ୮ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ରାଜଗାଙ୍ଗପୁରର ଶତାଧିକ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନରେ ଯୋଗଦେଇ ଅହରହ ପ୍ରଭୁଙ୍କ ନାମ ନେଇ କୃପାଲାଭ କରିଥିଲେ। ହରେ କୃଷ୍ଣ ହରେ ରାମ ମହାମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ଗୁଞ୍ଜରିତ ହେବା ସହ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶୁକ୍ରବାର ନାମଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ବର୍ଜ୍ୟବସ୍ତୁରେ ପୋତିଦେଲେ ନଳକୂପ



**ବଣାଇଁ, ୮।୨(ସମିସ):** ବଣାଇଁ ସହର ଥାନା ପଡ଼ା ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଥିବା ସଚଳ ନଳକୂପ ବର୍ତ୍ତମାନ ବର୍ଜ୍ୟବସ୍ତୁରେ ପୋତି ହୋଇଯାଇଛି। ଆଗକୁ ଗ୍ରୀଷ୍ମପ୍ରବାହ ମାଡ଼ି ଆସୁଥିବା ବେଳେ ଲୋକେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ। ଅଙ୍ଗନବାଡ଼ି କେନ୍ଦ୍ରରେ ୧୫ରୁ ଊର୍ଦ୍ଧ୍ୱ ଶିଶୁ ପାଠ ପଢୁଥିବା ବେଳେ ନିକଟରେ ପାଣି ଟୋପାଏ ପାଇବା ପାଇଁ ଅନେକ ହନ୍ତସନ୍ତ ହେଉଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ କହିବା ଅନୁସାରେ ଡାକ୍ତରଖାନା ରୂପାନ୍ତରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଭଙ୍ଗାରୁଜା କଂକ୍ରିଟ ଆବର୍ଜନାଗୁଡ଼ିକୁ ଆଣି ନଳକୂପ ନିକଟରେ ଗଦା କରିବା ଯୋଗୁଁ ନଳକୂପଟି ପୋତିହୋଇ ଅବ୍ୟବହୃତ ହୋଇପଡ଼ିଛି। ଫଳରେ ଶିଶୁମାନଙ୍କ ପାଇଁ ଖାଦ୍ୟ ରାନ୍ଧିବା ସହିତ ସେମାନଙ୍କ ପାନୀୟ, ଶୌଚ ପାଇଁ ଅଙ୍ଗନବାଡ଼ି କର୍ମୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ନଳକୂପ ଥାଇ ମଧ୍ୟ ଦୂର ସ୍ଥାନରୁ ଜଳ ଆଣି ଶିଶୁମାନଙ୍କ ଆବଶ୍ୟକତା ପୂରଣ କରୁଛନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ନଳକୂପ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଓଡ଼ିଆ ସାହିତ୍ୟ ପଠନ କ୍ଲବର ଉଦ୍‌ଯାପନୀ ଉତ୍ସବ



**ରାଉରକେଲା, ୮।୨(ସମିସ):** ସ୍ଥାନୀୟ ସେକ୍ଟର-୨୦ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ଓଡ଼ିଆ ସାହିତ୍ୟ ପଠନ କ୍ଲବର ଓଡ଼ିଆ ଭାଷା ଓ ସାହିତ୍ୟ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଲତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି, ସମ୍ମାନିତ ଅତିଥି ଭାବେ କୁଞ୍ଜବିହାରୀ ରାଉତ ଓ ମୁଖ୍ୟବକ୍ତା ଭାବେ ରାଉରକେଲା କଲେଜର ବରିଷ୍ଠ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ଉତ୍ପତ୍ତି, ବ୍ୟବହାର, ସଂସ୍କୃତି, ପ୍ରକୃତି ସହ ମଣିଷର ସମ୍ପର୍କ, ସାମାଜିକ, ଆଧ୍ୟାତ୍ମିକ ସଂସ୍କୃତି, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା, ସାହିତ୍ୟର ବିଭବ, ଓଡ଼ିଆ ସାହିତ୍ୟର ମୌଳିକତା, ବ୍ୟକ୍ତି ସତ୍ତା, ରାଷ୍ଟ୍ର ସତ୍ତା, ବିକୃତିରୁ ସଂସ୍କୃତି ପର୍ଯ୍ୟନ୍ତ ବାହାକ ଭାଷା ତଥା ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ଦେହୁରୀ ସଭାପତିତ୍ୱ ଅଭିଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଯଥା ଓଡ଼ିଆ କବିତା ଲିଖନ, ଓଡ଼ିଆ ପ୍ରବନ୍ଧ, କବିତା ପାଠ, ଲୋକନୃତ୍ୟ, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଭଜନ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅଧ୍ୟାପିକା ରୀତା ରାୟ, ରୀତା ଦାସ, ଅଳକାରଶ୍ମି ମହାନ୍ତି, ସନ୍ଧ୍ୟାରାଣୀ ଚୌଧୁରୀ, ସୁଚିତ୍ରା ପାଠକ, ସତ୍ୟେନ୍ଦ୍ର ସିଂ, ପ୍ରକାଶ ଦାଶ, ସରୋଜିନୀ ସାହୁ, ସୁନିତା ମହାଳିକ, ସୌମ୍ୟରଞ୍ଜନ ଦାଶ, ଯାଦବ ବିଶ୍ୱାଳ, ଗୀତା ସାହୁ, ଉଷାରାଣୀ ବେହେରା, ପ୍ରିନମ ମହାନ୍ତି, କୁଳମଣି ବେହେରା, ସମ୍ବିତ ପଟ୍ଟନାୟକ, ଗୋଲକ ବଡ଼ାଇକ, ରଞ୍ଜନ ସାମଲ, ଶୈଳବାଳା ଷଡ଼ଙ୍ଗୀ, ସସ୍ମିତା ପ୍ରଧାନ, ରମେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍‌ଆଇଟିରେ ମିଲେଟ୍ ପ୍ରକ୍ରିୟାକରଣ ପ୍ରଶିକ୍ଷଣ

**ରାଉରକେଲା, ୮।୨(ସମିସ)**



ଏନଆଇଟି ରାଉରକେଲାର ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗରେ ମିଲେଟ ପ୍ରକ୍ରିୟାକରଣ ମାଧ୍ୟମରେ ସମ୍ପ୍ରଦାୟକୁ ସଶକ୍ତୀକରଣ ଶୀର୍ଷକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ ଅଧୀନରେ ଖାଦ୍ୟ ଶିଳ୍ପ ଦକ୍ଷତା ଏବଂ ଦକ୍ଷତା ଉଦ୍ୟମ ଦ୍ୱାରା ପ୍ରାୟୋଜିତ ଏହି ପଦକ୍ଷେପ, ମିଲେଟ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ ଉପରେ ବ୍ୟବହାରିକ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖି ଯୌଗିକ ମଇଦା, ବେକେରୀ ସାମଗ୍ରୀ ଏବଂ ଅତିରିକ୍ତ ଉତ୍ପାଦ ଉପରେ ଧ୍ୟାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମଧୁରେଶ ଦ୍ୱିବେଦୀ, ଡ. ଚନ୍ଦ୍ରକାନ୍ତ ଗେନୁ ଦଳବାଗତ ଏବଂ ଡ. ରାମଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ଝାଡ଼ଖଣ୍ଡରୁ କୃଷକ ଉତ୍ପାଦକ ସଂଗଠନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିନିଧିଙ୍କ ସମେତ ୨୩ ଜଣ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଏନଆଇଟି ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧମାନ ଯୋଗଦେଇ ଆମ ଖାଦ୍ୟରେ ମିଲେଟର ପୁଷ୍ଟିକର ମହତ୍ତ୍ୱ ଏବଂ ନିରାପତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଫଆଇସିଏସଆଇର ସଂଯୋଜକ ଶ୍ରୀମତୀ ଶିଖା କୃଷକ, କୃଷି ସମ୍ପ୍ରସାରଣ କର୍ମଚାରୀ କିମ୍ବା ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସାହାଯ୍ୟ କରି ମିଲେଟ ପ୍ରକ୍ରିୟାକରଣ ଉପରେ ଜ୍ଞାନ ବିସ୍ତାର କରିବା ପାଇଁ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ବେକେରୀ ଡେଭଲପମେଣ୍ଟ ଲାବୋରେଟୋରୀରେ ଉତ୍ପାଦନ ଚୟନ ଏବଂ ବେକେରୀ ଉତ୍ପାଦ ବିକାଶରେ ହ୍ୟାଣ୍ଡ-ଅନ ଟ୍ରେନିଂ ଉପରେ ଧ୍ୟାନ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ବିଭିନ୍ନ ମିଲେଟ-ଆଧାରିତ ବେକେରୀ ଆଇଟମ୍ ତିଆରି କରିବାରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିଥିଲେ। ରଞ୍ଜନ କୁମାର ମଲ୍ଲିକ ଇଣ୍ଟରାକ୍ଟିଭ୍ ଅଧିବେଶନ ଏବଂ ଯନ୍ତ୍ରପାତି ପାରାମିଟର, ନୂତନ ଉତ୍ପାଦ ବିକାଶ ଏବଂ ସମ୍ବେଦନଶୀଳ ଦିଗ ଉପରେ ଆଲୋଚନା କରିଥିଲେ। ପରବର୍ତ୍ତୀ ଦିନରେ, ଅଧିବେଶନରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଅଧ୍ୟାପିକା ପ୍ରଫେସର ଏମଡି ଖାଲିଦ ଗୁଲ ଏବଂ ପ୍ରଫେସର ଦିବ୍ୟକାନ୍ତ ସେଠ ଖାଦ୍ୟ ନିରାପତ୍ତା ମାନ ଏବଂ ମିଲେଟ ପ୍ରକ୍ରିୟାକରଣ କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଲୋକମାନେ ମିଲେଟ ପ୍ରକ୍ରିୟାକରଣ ୟୁନିଟ୍ ଡିଜାଇନ୍, ପୋଷ୍ଟଭେଷ୍ଟ ପ୍ରକ୍ରିୟାକରଣ ପ୍ରଣାଳୀ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବାକୁ ରଣନୀତି ବିଷୟରେ ଅବଗତ ହୋଇଥିଲେ। ଏହି ପ୍ରଶିକ୍ଷଣରେ ଗରମ ଏକ୍ସଟ୍ରୁଡ୍ ସ୍ନାକ୍ସ ବିକାଶ ଉପରେ ମଧ୍ୟ ଅଧିବେଶନ ରହିଥିଲା, ଯେଉଁଠାରେ ଅଂଶଗ୍ରହଣକାରୀମାନେ ଲାବୋରେଟୋରୀ ଉପକରଣ ଏବଂ ଆନାଲିଟିକାଲ୍ କୌଶଳ ସହିତ ପରିଚିତ ହୋଇଥିଲେ। ଉପାଦାନ ଚୟନ, ମେସିନ୍ ପାରାମିଟର, ଉତ୍ପାଦନ ପ୍ରସ୍ତୁତି ଏବଂ ଉତ୍ପାଦ ବିକାଶ ଉପରେ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା ମଧ୍ୟ ଏହି ପ୍ରଶିକ୍ଷଣର ଏକ ଅଂଶ ଥିଲା। ବିଭାଗର ପିଏଚଡି ରିସର୍ଚ୍ଚ ସ୍କଲାର୍ ନିରଞ୍ଜନ ଥୋଟା ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ବ୍ୟବହାରିକ ଅଧିବେଶନ ପରିଚାଳନା କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣରେ ଭବିଷ୍ୟତର ବ୍ୟବସାୟ ଏବଂ ଉଦ୍ୟୋଗଗୁଡ଼ିକ ପାଇଁ ଏହି ଅଧିବେଶନରେ ମିଲେଟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ANIMESH FOOD PRODUCTS
ANIMESH INDIAN SNACKS — The ultimate name of Quality
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ
ନାମଲେଖା ବିଜ୍ଞାପନ- ୨୦୨୪-୨୫
ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।
ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।
ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୪୨୫୦୦୩, ୯୪୩୯୩୬୧୨୦୮

## ‘ଆମ ଓଡ଼ିଶା-ନବୀନ ଓଡ଼ିଶା’ ସଚେତନତା ଶିବିର



ସୁନ୍ଦରଗଡ଼, ୮ ।୨(ସମିସ): ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ପ୍ରଚାରପ୍ରସାର ପାଇଁ ପଞ୍ଚାୟତ ସ୍ତରରେ ସଚେତନତା ଶିବିର ଆୟୋଜନ କରାଯାଉଛି । ଏ କ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଛି । ଲେଫ୍ରିପଡ଼ା ବ୍ଲକ ରାଏଡିହି ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା ଶିବିର ସମ୍ପନ୍ନ ହୋଇଛି । ଶିବିରରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଲୋକଙ୍କୁ ଏହାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ । ବିଡିଓ ଅତସୀ ପରିଡ଼ା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଶିବିରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇ ବିଭାଗୀୟ କାର୍ଯ୍ୟକ୍ରମ ଏବଂ ଜନହିତକର କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବୃଷଭାନୁ ଭୋଇ, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଜଗଦୀଶ ଦେହୁରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶିଲା ଡୁଙ୍ଗଡୁଙ୍ଗ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ, ଏଏଫ୍‌ଓ ଜ୍ୟୋତିର୍ମୟୀ ଦାସ, ମିଶନ ଶକ୍ତି କୋଅର୍ଡିନେଟର ତୃପ୍ତିମୟୀ ପଟେଲ, ସରପଞ୍ଚ ଇଲାବତୀ ମାଝୀ, ନାଏବ ସରପଞ୍ଚ ପ୍ରତାପ ମାଝୀଙ୍କ ସମେତ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ କର୍ମକର୍ତ୍ତା ଓ ମିଶନ ଶକ୍ତି ବିଭାଗ ଅଧିକାରୀ ଯୋଗଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ମହାନନ୍ଦିଆ ଶିବିର ପରିଚାଳନା କରିଥିଲେ ।

### ପ୍ରତିଶ୍ରୁତି ରଖିଲା ପୁଲିସ

## ଭଷ୍ମା-ବଡ଼ବଙ୍ଗା ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ

ସୁନ୍ଦରଗଡ଼, ୮ ।୨(ସମିସ)

ଭାରୀଯାନ ଧକ୍କାରେ ଜଣେ କଲେଜ କର୍ମଚାରୀଙ୍କ ମୃତ୍ୟୁ ପରେ ଭଷ୍ମା-ବଡ଼ବଙ୍ଗା ରାସ୍ତାର ଭଷ୍ମା ଥାନା ଅନ୍ତର୍ଗତ ଗୁଲଠା ଛକରେ ବୁଧବାର ରାସ୍ତା ଅବରୋଧ ସମୟରେ ଅଞ୍ଚଳବାସୀଙ୍କ ଦାବି ମୁତାବକ ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ପୁଲିସ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛି ।

ଉକ୍ତ ରାସ୍ତାରେ ଗୁରୁବାର କୌଣସି ଭାରୀଯାନ ଚଳାଚଳ କରି ନ ଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହାକୁ କଡ଼ାକଡ଼ି ପାଳନ କରାଯିବ ବୋଲି ଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି କହିଛନ୍ତି । ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ କରିବା ପାଇଁ ଲୋକେ ବାରମ୍ବାର ଦାବି କରି ଆସୁଥିଲେ । ଭଷ୍ମା-ଅବନକେଲା ଇବ୍ ସେତୁ ନିର୍ମାଣ ହେବା ପରେ ଏହି ରାସ୍ତା ଲେଫ୍ରିପଡ଼ା, ଟାଙ୍ଗରପାଲି, ହେମଗିରି ଆଦି ବ୍ଲକ ଅଞ୍ଚଳ ସହ ରାଜପଥ-୧୦ର ସଂଯୋଗୀକରଣ ରାସ୍ତା ହୋଇଛି । ତେବେ ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯାଉଥିଲେ ହେଁ ସମ୍ପୂର୍ଣ୍ଣ ବିକଶିତ ହୋଇପାରି ନାହିଁ । ଜମି ବିବାଦ କାରଣରୁ ରେମଣ୍ଡା ଗ୍ରାମର ୨ ସ୍ଥାନରେ ଅଦ୍ୟାବଧି ପିଚୁ ହୋଇପାରି ନ ଥିବା ବେଳେ ବିଭିନ୍ନ ସ୍ଥାନରେ ଅଣଅସାରିଆ ରହିଛି । ତଥାପି କୋଲ କରିଡର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏମସିଏଲରୁ ଝାରସୁଗୁଡ଼ା ପଟେ କୋଇଲା ନେଇ ଯାଉଥିବା ଗାଡ଼ିଗୁଡ଼ିକ ନିର୍ମାଣାଧୀନ ରାସ୍ତାରେ ବଡ଼ବଙ୍ଗା ପାଖ ଯାଏ ଆସି ଏହି ରାସ୍ତାରେ ଝାରସୁଗୁଡ଼ା ପଟେ ଯାଉଛନ୍ତି । ଏମସିଏଲ-ସୁନ୍ଦରଗଡ଼ ରାସ୍ତାରେ ଝାରସୁଗୁଡ଼ା ପଟେ ଗଲେ ଅଧିକ ତେଲ ଖର୍ଚ୍ଚ ସହ ମସ୍କିକାନୀଠାରେ ଟୋଲ ପ୍ଲାଜାରେ ଟାକ୍ସ ଦେବାକୁ ପଡୁଥିବାରୁ ଏହି ରାସ୍ତାରେ ଯିବାକୁ ଶ୍ରେୟ ମଣୁଥିଲେ । ଫଳରେ ଗୋଟିଏ ପଟେ ରାଜସ୍ୱହାନି ଘଟୁଥିବା ବେଳେ ଅପରପକ୍ଷରେ କ୍ଷମତାଠାରୁ ଅଧିକ ଓଜନ ବିଶିଷ୍ଟ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡୁଥିଲା । ଜନଜୀବନ ଅସୁରକ୍ଷିତ ହୋଇ ପଡ଼ିଥିଲା । ସଦର ଉପଜିଲ୍ଲାପାଳ ଅଞ୍ଚଳବାସୀଙ୍କ ସହ ବାରମ୍ବାର ବୈଠକ କରି ଭାରୀଯାନ ଚଳାଚଳ ବନ୍ଦ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଉକ୍ତ ପ୍ରତିଶ୍ରୁତି ପାଣିରଗାର ହୋଇଥିଲା । ଫଳରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ସମ୍ପୃକ୍ତ କଲେଜ କର୍ମଚାରୀଙ୍କ ମୃତ୍ୟୁ ପରେ ଅଞ୍ଚଳବାସୀଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକ ହୋଇଥିଲା । ଟାଙ୍ଗରପାଲି ତହସିଲଦାର ରାଜୀବ ହାଂସଦା ଓ ସୁନ୍ଦରଗଡ଼ ଟାଉନ, ଲେଫ୍ରିପଡ଼ା, କିଞ୍ଜିରକେଲା, ଧରୁଆଡିହି ଆଦି ଥାନା ଅଧିକାରୀଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ସଦର ଏସଡିପିଓ ହିମାଂଶୁ ବେହେରା ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।

**ଅଞ୍ଚଳବାସୀ ଆଶ୍ୱସ୍ତ**

## ବାସୁଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ଼, ୮ ।୨(ସମିସ): ଲେଫ୍ରିପଡ଼ା ବ୍ଲକ ଡୁମାବାହାଲ ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ନୂଆ-ଓ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର




ଭାରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ ମୁଖ୍ୟଅତିଥି, ଲେଫ୍ରିପଡ଼ା ବିଇଓ ନୈନା କୁଜୁର ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ସା, ଏସ୍‌ଏମସି ସଭାପତି ବିକ୍ରମ ନାଏକ ଏବଂ ସାମାଜିକ କର୍ମୀ ପ୍ରଶାନ୍ତ ପୃଷେଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ଦେବେନ୍ଦ୍ର ଚୌଧୁରୀ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ସୂଚନା ଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ଛାତ୍ରୀ ରାନୀ ସାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ଦିବ୍ୟା ତନ୍ତୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ କବିତା ପଟେଲ ବାର୍ଷିକ ବିବରଣୀ ପାଠ ଓ ଛପ୍ନା ସା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମୁଗ୍ଧ ହୋଇଥିଲେ ।

## ପାଣିପାଗଭିତ୍ତିକ କୃଷି ପରାମର୍ଶ ସେବା ସମ୍ବନ୍ଧୀୟ ସଚେତନତା ଶିବିର

ସୁନ୍ଦରଗଡ଼, ୮ ।୨(ସମିସ): ସୁନ୍ଦରଗଡ଼ ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ହସ୍ତାନ୍ତର ଉପକେନ୍ଦ୍ର ତଥା ଗ୍ରାମୀଣ କୃଷି ମୌସମ ସେବା ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ସଲଙ୍ଗାବୁଡ଼ ଗ୍ରାମରେ ବୁଧବାର ପାଣିପାଗଭିତ୍ତିକ କୃଷି ସମନ୍ଧୀୟ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଗ୍ରାମୀଣ କୃଷି ମୌସମ ସେବା



କେନ୍ଦ୍ର ମୁଖ୍ୟ ଡ. ସଜୀବ ବିଶ୍ୱାସୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଦ୍ୱିବେନ୍ଦୁ ମଣ୍ଡଳ ଓ ଡ. ଆଶିଷ କୁମାର ମହାନ୍ତି ଯୋଗଦେଇ ପାଣିପାଗ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କି ପ୍ରକାର କୃଷି ଓ କୃଷକକୁ ପ୍ରଭାବ କରୁଛି ସେନେଇ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏଥିସହ ଭାରତ ପାଣିପାଗ ବିଭାଗ ଦ୍ୱାରା ଦିଆଯାଇଥିବା ଆଗୁଆ ପାଣିପାଗ ବିବରଣୀକୁ ନେଇ କୃଷକ କି ପ୍ରକାର ଯତ୍ନ ନେଇ ଫସଲକୁ କ୍ଷତିରୁ ବଞ୍ଚାଇପାରିବେ ତା’ର ସୂଚନା ଦିଆଯାଇଥିଲା । ଶିବିରରେ ବିଭିନ୍ନ ଉପଗ୍ରହ ଦ୍ୱାରା ପ୍ରାପ୍ତ ପାଣିପାଗ ସୂଚନା କୃଷକ ତା’ର ମୋବାଇଲରେ ‘ମେଘଦୂତ ଆପ’ ଡାଉନଲୋଡ୍ କରି ବିଭିନ୍ନ ତଥ୍ୟ ପାଇପାରିବେ ବୋଲି ଅବଗତ କରାଯାଇଥିଲା । ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ପ୍ରଭାବର ଦିଗ ଉପରେ ଆଲୋଚନା କରି ବିଭିନ୍ନ ଫସଲ, ପ୍ରାଣୀସମ୍ପଦ ଓ ମତ୍ସ୍ୟ ସମ୍ପଦକୁ କି ପ୍ରକାର ପାଣିପାଗର ଚରମ ଅବସ୍ଥାରେ ପରିଚାଳନା କରାଯିବ ଏହାର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଗ୍ରାମୀଣ କୃଷି ମୌସମ ସେବାର ପାଣିପାଗ ନିରୀକ୍ଷକ ଚକ୍ରଧର ସାହୁଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା ।

## ୧୧ତମ ଜୋନାଲ୍ ସ୍ୱାସ୍ଥ୍ୟ ସମ୍ମିଳନୀ ୧୦ରୁ

ରାଉରକେଲା, ୮ ।୨(ସମିସ): ସ୍ଥାନୀୟ ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ପରିସରରେ ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏସନ ପକ୍ଷରୁ ଦୁଇଦିନିଆ ୧୧ତମ ଜୋନାଲ ସ୍ୱାସ୍ଥ୍ୟ ସମ୍ମିଳନୀ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ । ଏ ନେଇ ଗୁରୁବାର ଯୋଗ ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ଆବାହକ ତଥା ଯୋଗ ମନ୍ଦିର ସମ୍ପାଦକ ଡ. ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇ କହିଲେ, ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ଏହି ଜୋନାଲ ସ୍ୱାସ୍ଥ୍ୟ ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ ରହିଛି ଏକ ସୁସ୍ଥ ଜୀବନ ଜିଇଁବା । ଏଥିପାଇଁ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ‘ନୂଆ ଜୀବନ’ ରଖାଯାଇଛି । ଦୀର୍ଘ ୩୪ ବର୍ଷ ଧରି ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି । ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ବିକାଶ ନ ହେଲେ ଯେତେ ବିତ୍ତଶାଳୀ ହେଲେ ମଧ୍ୟ ଜୀବନରେ ପ୍ରକୃତ ଶାନ୍ତି ମିଳି ନ ଥାଏ । ସ୍ୱାସ୍ଥ୍ୟ ବିନା ଜୀବନକୁ କଳ୍ପନା କରାଯାଇ ନ ପାରେ । ଆଉ ଗୋଟିଏ କିଛି ଶକ୍ତି ଅଛି ଯେ କି ଆମକୁ ଓ ଆମର ପରିବେଶକୁ ପରିଚାଳିତ କରୁଛି । ଜୀବନରେ ସୃଜନଶୀଳତା ନ ଥିଲେ ସେ ବଞ୍ଚିବାରେ ମୂଲ୍ୟବୋଧ ଭିତ୍ତିକ ହେବ ନାହିଁ ବୋଲି ଡ. ପାତ୍ର କହିଥିଲେ ।




ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର ଅଧକ୍ଷା ଡ. ଜ୍ୟୋତ୍ସ୍ନା ପଟ୍ଟନାୟକ କହିଲେ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ସମଗ୍ର ଜୀବନ ହେଉଛି ଯୋଗ । ନୂଆ ଜୀବନର ପରିକଳ୍ପନା ଜନ୍ମ ପୂର୍ବରୁ ହୋଇଥାଏ । ସେଥିପାଇଁ ମାତୃ ଗର୍ଭର ସଂସ୍କାରର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏହି ସମ୍ମିଳନୀରେ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ମୁଖ୍ୟଅତିଥି ଏବଂ ପ୍ରଫେସର ଶ୍ୟାମା କାନୁନଗୋ, ଆରଜିଏଚ ନିର୍ଦ୍ଦେଶକ ଡ. ଗଣେଶ ପ୍ରସାଦ ଦାଶ, ଡ. କାହ୍ନୁଚରଣ ନାୟକ, ଚେନ୍ନାଇରୁ ଡ. ଯୋଗେଶ ମୋହନ, ଡ. ତୋଫାନ ପତି ପ୍ରମୁଖ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସେହିପରି ଉଦ୍‌ଯାପନୀ ଦିବସରେ ଆରଏସପି ଡିଆଇସି ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଅରବିନ୍ଦ ସ୍କୁଲର ଅଧ୍ୟକ୍ଷ ଗୋଦାବରୀଶ ପଢ଼ିଆରୀ, କୋଷାଧ୍ୟକ୍ଷ ବିଜୟ କୁମାର ଦାସ ଉପସ୍ଥିତ ଥିଲେ ।

## କରଞ୍ଜଖୋଲରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ସୁନ୍ଦରଗଡ଼, ୮ ।୨(ସମିସ): ଲେଫ୍ରିପଡ଼ା ବ୍ଲକ ଡୁମାବାହାଲ ପଞ୍ଚାୟତ କରଞ୍ଜଖୋଲ ଗ୍ରାମରେ ବୁଧବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି । ଟିଡିସିସି ଦ୍ୱାରା ପରିଚାଳିତ ଏହି ମାଣ୍ଡିଆ



ମଣ୍ଡିକୁ ଟିଡିକଲ ରାଜ୍ୟ ସଭାପତି ଚମେଲି ଓରାମ ଉଦଘାଟନ କରିଥିଲେ । ଏହି ଅବସରରେ ସୁନ୍ଦରଗଡ଼ ଟିଡିସିସିର ଏଏମ୍‌ଓ ସାଇ ସୁମନ, ଲେଫ୍ରିପଡ଼ା ସହକାରୀ କୃଷି ଅଧିକାରୀ ସସ୍ମିତା ମୁର୍ମୁ, କୃଷି ଓଭରସିଅର ଦେବାର୍ଚ୍ଚନ ପଟେଲ, ସବିତା ନାଏକଙ୍କ ସମେତ ଆର୍‌ଏମ୍‌ସି କର୍ମଚାରୀ ତରୁଣ ମିଶ୍ର, ଦିବ୍ୟଦୃଷ୍ଟି ଫାର୍ମର୍ସ ପ୍ରଡ୍ୟୁସର୍ସ କମ୍ପାନୀ ଲିଃ.ର କର୍ମକର୍ତ୍ତା ଉପସ୍ଥିତ ଥିଲେ । ମଣ୍ଡିରେ ପ୍ରଥମ ଦିନ କରଞ୍ଜଖୋଲ ଗାଁର ୭ ଚାଷୀଙ୍କ ଠାରୁ ୫ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି । ଏସ୍‌ଜିୟୁପି ଅନୁଷ୍ଠାନ ସଂଯୋଜକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ■ ସ୍କୁଲରୁ ଫେରି ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା

## ଶିକ୍ଷକଙ୍କ ମାନସିକ ନିର୍ଯାତନାରୁ ହାରିଛନ୍ତି ଜୀବନ !

ସୁନ୍ଦରଗଡ଼, ୮ ।୨(ସମିସ): ସୁନ୍ଦରଗଡ଼ ସଦର ବ୍ଲକ ସାଲେପାଲି ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଙ୍କ ଆତ୍ମହତ୍ୟା ମାମଲା ଭିନ୍ନମୋଡ଼ ନେଇଛି । ସ୍କୁଲର ଜଣେ ଶିକ୍ଷକଙ୍କ ମାନସିକ ନିର୍ଯାତନା ଯୋଗୁଁ ସେ ସ୍କୁଲରୁ ଘରକୁ ଫେରିବା ପରେ ବେକରେ ଫାଶି ଦେଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି । ଅନ୍ୟପଟେ ଏହା ପୁଲିସ ମାମଲା, ତଥାପି ବିଭାଗୀୟ ତଦନ୍ତ ହେବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ କହିଛନ୍ତି ।

ସାଲେପାଲି ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ସାଲେପାଲି ଗ୍ରାମର ରୋମାଞ୍ଚ ମାଝୀଙ୍କ ପୁଅ ଝସକେତନ ମାଝୀ (୧୪) ବୁଧବାର ସ୍କୁଲକୁ ଯାଇଥିବା ବେଳେ ଅନୈତିକ କାର୍ଯ୍ୟ ସନ୍ଦେହରେ ତାଙ୍କୁ କୁଆଡ଼େ ଶିକ୍ଷକ ଜଣକ ଗାଳିଗୁଳଜ କରିଥିଲେ । ଏଥିରେ ଝସକେତନ ମାନସିକ ଭାରସାମ୍ୟ ହରାଇ ସ୍କୁଲରୁ ଫେରିବା ପରେ ତାଙ୍କ ଘରେ ବେକରେ ଗାମୁଛାରେ ଫାଶୀ ଦେଇ ଝୁଲିପଡ଼ିଥିବା କୁହାଯାଉଛି । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଏହି ସମ୍ବେଦନଶୀଳ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଲକ୍ଷେଘର ସମାଜର ବ୍ଲକ୍‌ସ୍ତରୀୟ ସମ୍ମିଳନୀ

ସୁନ୍ଦରଗଡ଼, ୮ ।୨(ସମିସ): ସବଡେଗା ନେତାଜୀ କ୍ଲବ୍‌ରେ ଲକ୍ଷେଘର ସମାଜର ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଇଷ୍ଟଦେବୀ ମା’ ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏଥିରେ ସୁନ୍ଦରଗଡ଼ ଜିଲ୍ଲା ଲକ୍ଷେଘର ସମାଜ ସାଧାରଣ ସମ୍ପାଦକ ଲଲିନ୍ଦ୍ର ସିଂହ ମୁଖ୍ୟଅତିଥିସ କାର୍ଯ୍ୟକାରୀ ସଭାପତି ଲାବଣୀଧର ବାଗ ମୁଖ୍ୟବକ୍ତା, ସୁଶିଲ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଭିବୃଦ୍ଧି, ନାରୀଶିକ୍ଷା ଆଦି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ବାଲିଶଙ୍କରା ବ୍ଲକ ସଭାପତି କୈଳାସ ତନ୍ତୀ ଓ ସମାଜସେବୀ ବୈକୁଣ୍ଠ ତନ୍ତୀ ସମାଜର ସାମଗ୍ରିକ ବିକାଶ ଦିଗରେ ଦିଗଦର୍ଶନ ଦେଇଥିବା ବେଳେ ସମାଜସେବୀ ତରୁଣସେନ ତାଜନ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସନାତନ ମହାନନ୍ଦ, ରୋହିତ ମହାନନ୍ଦ ସମାଜିକ ସଦଭାବନା, ସମାଜିକ ବେକାର ଯୁବକ ଯୁବତୀଙ୍କ ସ୍ୱାବଲମ୍ବନ ଆଦି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ସବଡେଗା ବ୍ଲକ ସଭାପତି ଭାସ୍କର ଜୟପୁରିଆ ସଭା ପରିଚାଳନା କରିଥିବା ବେଳେ ବୈକୁଣ୍ଠ ତନ୍ତୀ ଧନ୍ୟବାଦ ଦେଇଥିଲେ । ଉଗ୍ରେସନ ସୁନ୍ୟାନୀ, ଉମାକାନ୍ତ ମହାନନ୍ଦିଆ, ବଳଭଦ୍ର ଜୟପୁରିଆ, ଅଶୋକ ତନ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବସନ୍ତ ମେଳାରେ କାରିଗରଙ୍କ କଳା ଓ ଉତ୍ପାଦ ପ୍ରଦର୍ଶନ





ସୁନ୍ଦରଗଡ଼, ୮ ।୨(ସମିସ)

ଏନଟିପିସି ଦର୍ଲିପାଲି ପକ୍ଷରୁ ଚାଲିଥିବା ବସନ୍ତ ମେଳା-୨୦୨୪ ଉଦଯାପିତ ହୋଇଛି । ଏହି ମେଳାରେ କୁମ୍ଭାର, ବାଉଁଶ କଳା, ଟେରାକୋଟା, ପଟ୍ଟଚିତ୍ର, ଚମ୍ପାକୋସା, ଟାଇ ଆଣ୍ଡ ଡାଏ ଆଦି ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ କାରିଗରମାନଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ଏବଂ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା । ଏନଟିପିସି ପକ୍ଷରୁ ଉତ୍ପାଦ ବିକ୍ରି ବ୍ୟବସ୍ଥା ମଧ୍ୟ ହୋଇଥିଲା । ଏଥିରେ ୩୦ରୁ ଅଧିକ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା । ଏହା ଦର୍ଶକଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇଥିଲା । ଏହି ଅବସରରେ ପୁନର୍ବାସ କଲୋନୀ ବାସିନ୍ଦା ମଧ୍ୟ କିଛି ଷ୍ଟଲ୍ ପ୍ରଦର୍ଶନ କରିଥିଲେ । ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଏଚ୍‌ଏନ୍ ଚକ୍ରବର୍ତ୍ତୀ, ଅଭିଳାଷା ଲେଡିଜ୍ କ୍ଲବ୍ ଅଧ୍ୟକ୍ଷା ମଧୁମିତା ଚକ୍ରବର୍ତ୍ତୀ, ପ୍ରକଳ୍ପର ବରିଷ୍ଠ ଅଧିକାରୀ ବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତଥା କର୍ମଚାରୀ ସେମାନଙ୍କ ପରିବାର ସହ ଖାଦ୍ୟ ଏବଂ ପାରମ୍ପାରିକ କଳା ଏବଂ ସଂସ୍କୃତିରେ ପରିପୂର୍ଣ୍ଣ ଏହି ମେଳାର ଉପଭୋଗ କରିଥିଲେ । ପ୍ରତିଭାବାନ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ପ୍ରଶଂସା ଲାଭ କରିଥିଲା । ଚଳିତ ବର୍ଷ ବସନ୍ତ ମେଳାର ବିଷୟବସ୍ତୁ ‘ସୃଜନୀ’ ରହିଥିଲା । ସ୍ଥାନୀୟ କାରିଗର ଏବଂ କଳାକାରଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉପରେ ପର୍ଯ୍ୟବସିତ ଥିଲା । ଦୁଇଦିନ ଧରି ଚାଲିଥିବା ଏହି ବସନ୍ତ ମହୋତ୍ସବରେ ଉତ୍ପାଦିତ ବ୍ୟବସାୟରେ ଷ୍ଟଲ୍ ମାଲିକମାନେ ବେଶ୍ ଖୁସି ବ୍ୟକ୍ତ କରିଥିଲେ ।

## ଦୁର୍ଘଟଣାରେ ମୃତକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

ସୁନ୍ଦରଗଡ଼, ୮ ।୨(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ଭଷ୍ମା-ବଡ଼ବଙ୍ଗା ରାସ୍ତାର ଭଷ୍ମା ଥାନା ଅନ୍ତର୍ଗତ ରେମଣ୍ଡା ନିକଟରେ ଭାରୀଯାନ ଧକ୍କାରେ ମୃତ୍ୟୁ ଘଟିଥିବା ଶର୍ଦ୍ଧାପାଲି ଯଶୋଦା ବିଷ୍ଣୁ ମହାବିଦ୍ୟାଳୟର ଲ୍ୟାବ୍ ଟେକ୍ନିସିଆନ ଯୋଗେଶ୍ୱର ନାଏକ ଓରଫ ଶମ୍ଭୁନାଥ (୩୦)ଙ୍କ ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରି ଉଦାହରଣ ସାଜିଛନ୍ତି । ମଙ୍ଗସପୁର ଗ୍ରାମର ପୂର୍ବତନ ଖବରକାଗଜ ବିତରକ ଲଳିତମୋହନ ନାଏକଙ୍କ ତିନି ପୁଅ ଥିଲେ । କିଛିବର୍ଷ ତଳେ ମଝିଆ ପୁଅଙ୍କ ଅକାଳ ବିୟୋଗ ଘଟିଥିଲା । ଏ ସ୍ଥିତିରେ ଅବିବାହିତ ବଡ଼ପୁଅ ଯୋଗେଶ୍ୱର ପରିବାର ଚଳାଇ ଆସୁଥିଲେ । କର୍ମଠ ଏବଂ ଶାନ୍ତ ସରଳ ବ୍ୟକ୍ତିତ୍ୱ ଯୋଗୁଁ ସେ ଗାଁଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏ ସମସ୍ତଙ୍କ ପ୍ରିୟପାତ୍ର ଥିଲେ । ଦୁର୍ଘଟଣାରେ ରୋଜଗାରିଆ ପୁଅର ମୃତ୍ୟୁ ପରିବାର ଲୋକଙ୍କୁ ଘୋର ଆଘାତ ପହଞ୍ଚାଇଥିଲେ ହେଁ ବିଧିର ବିଧାନକୁ ସମ୍ମାନ ଦେଇ ସେମାନେ ଏଥିରେ ଭାଙ୍ଗି ନ ପଡ଼ି ପୁଅର ସ୍ମୃତିରକ୍ଷା ପାଇଁ ଯୋଗେଶ୍ୱରଙ୍କ ଚକ୍ଷୁଦାନ ପାଇଁ ମହତ ନିଷ୍ପତ୍ତି ନେଇଥିଲେ । କିଛି ସମାଜସେବୀଙ୍କ ସହାୟତାରେ ଦୃଷ୍ଟିଦାନ କେନ୍ଦ୍ରର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ବାପା ଲଳିତମୋହନ ନିଜ ସମ୍ମତି ଜଣାଇବା ପରେ ସୁନ୍ଦରଗଡ଼ ଜିଲ୍ଲା ଚିକିତ୍ସାଳୟରେ ଚକ୍ଷୁଦାନ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଗରିବ ପରିବାରର ଏପରି ମହତପଣିଆକୁ ସର୍ବତ୍ର ପ୍ରଶଂସା କରାଯାଉଛି ।



### ସମନ୍ୱିତ ଶିଶୁବିକାଶ ବିଭାଗ ଓ ତହସିଲ ପ୍ରଶାସନ ନିରବଦ୍ରଷ୍ଟା

# ବାଲି ମାଫିଆଙ୍କ କବ୍‌ଜାରେ ଅଙ୍ଗନବାଡ଼ି କେନ୍ଦ୍ର



**ଡେରାବିଶ, ୮।୨ (ସମିସ):** ଡେରାବିଶ ବ୍ଲକ ଗୋଲହରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ଅଙ୍ଗନବାଡ଼ି କେନ୍ଦ୍ର ଏବେ ବାଲି ମାଫିଆଙ୍କ କବ୍‌ଜାରେ ରହିଛି। ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଗତ ୨୦୧୬-୧୭ରେ ନିର୍ମାଣ କରାଯାଇଥିଲେ ମଧ୍ୟ କିଛି ଅସାଧୁ ବାଲି ମାଫିଆଙ୍କ କବ୍‌ଜାରେ ଏହି କେନ୍ଦ୍ରଟି ସେବେଠାରୁ ରହିଥିବାବେଳେ ଏମାନେ ଏହି କେନ୍ଦ୍ରର ଚାରିପଟରେ ବାଲି ଜମା କରି ରଖି ନିୟମିତ ବର୍ଷ ସାରା ବାଲି ବ୍ୟବସାୟ ଚଳାଇଛନ୍ତି। ଏଥିସହିତ ପ୍ରତ୍ୟେହ ଏହି ବାଲି ପାହାଡ଼ ପଛପଟେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପିଣ୍ଡାରେ ମଦ୍ୟପଙ୍କ ଆଡ୍ଡା ଜମୁଥିବାବେଳେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଫଳରେ ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଏଠାରେ ନ ଚାଲି ସ୍ଥାନୀୟ ଦୁମୁକାହାଟ ବିଦ୍ୟାଳୟ ପରିସରରେ ଦୀର୍ଘଦିନ ହେବ ଚାଲୁଛି। ଏହି ନୂତନ ଗୃହର ଏହି ଅବସ୍ଥା ପ୍ରତି ସମନ୍ୱିତ ଶିଶୁ ବିକାଶ ବିଭାଗ ଦୃଷ୍ଟି ଦେଉ ନ ଥିବାବେଳେ ଡେରାବିଶ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଦୂରରେ ରହିଥିଲେ ମଧ ତହସିଲ ପ୍ରଶାସନ ବାଲି ମାଫିଆଙ୍କ ପ୍ରତି ଆଖିବୁଜି ଦେଇଛି। ଶୁଣିବାକୁ ମିଳିଛି ଏହି ବାଲି ମାଫିଆ ଜଣକ ତହସିଲର କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଦିନ ଦ୍ୱିପ୍ରହରରେ ହାଇୱା ଯୋଗେ ଏଠାରେ ବାଲି ଅନ୍‌ଲୋଡ୍ କରୁଥିବାବେଳେ ଟ୍ରାକ୍ଟର ଯୋଗେ ଏଠାରୁ ବେଧଡ଼କ ବାଲିଚାଲାଣ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହି କେନ୍ଦ୍ର ପରିସରରୁ ବାଲି ସଫା କରାଯାଇ ଅଙ୍ଗନବାଡ଼ି କେନ୍ଦ୍ରକୁ ଶିଶୁ ବିକାଶ ଉପଯୋଗୀ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ବୈଠକ



**ବାଲିକୁଦା, ୮।୨(ସମିସ):** ବାଲିକୁଦା ବ୍ଲକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବରିଷ୍ଠ କୃଷକ ନେତା ଧର୍ମାନନ୍ଦ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଏକ ବୈଠକ ବଡଙ୍ଗା ପଞ୍ଚାୟତ ମା' କରକେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ,ସୂଚନା ଅଧିକାର ଆବାହାକ ପ୍ରଦୀପ ପ୍ରଧାନ,କେନ୍ଦ୍ରାପଡା ସଂଯୋଜକ ଦୋଳ ଗୋବିନ୍ଦ ସାହୁ,ଜିଲ୍ଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ,ବ୍ଲକ ସଂଯୋଜକ ରଘୁନାଥ ନାୟକ,କୃଷକ ନେତା ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ଅନେକ କୃଷକ ନେତା ଯୋଗ ଦେଇ ଚାଷୀଙ୍କ ଧାନ କ୍ରୟ କରିବାପାଇଁ ଯେଉଁ ମଣ୍ଡି ବ୍ୟବସ୍ଥା କରା ଯାଇଛି ସେଥିରେ ବ୍ୟାପକ ଅନିୟମିତତା ହେଉଥିବା ଆଲୋଚନା କରିଥିଲେ।ବ୍ଲକର ପ୍ରତ୍ୟକ ମଣ୍ଡିରେ ଚାଷୀଙ୍କ ୩ କେଜି ଧାନ କାଟ କରୁଥିବା ବେଳେ ବସ୍ତା ଟଙ୍କା ଚାଷୀଙ୍କୁ ମିଳୁନାହିଁ।୫୦୦ ତଳକୁ ଓଜନର ହିସାବ ହେଉ ନଥିବା ବେଳେ କୌଣସି ମଣ୍ଡିରେ ବସିବା କିମ୍ବା ପାନୀୟ ଜଳର ବ୍ୟବସ୍ଥା ନାହିଁ।ଆବଶ୍ୟକୀୟ ଗାଡି ଆସୁନଥିବା କାରଣରୁ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡି ରହୁଥିବା ବେଳେ ମଣ୍ଡି ତଦାରଖ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ମଣ୍ଡି ପରିଦର୍ଶନ କରୁନଥିବା ଆଲୋଚନା କରିଥିଲେ।ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ବ୍ଲକ ଯୋଗାଣ ଅଧିକାରୀ ମୋଚିରାମ ଦାସଙ୍କୁ ଭେଟି ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ଶ୍ରୀ ଦାସ ଆସନ୍ତା କାଲି ଠାରୁ ସମସ୍ତ ମଣ୍ଡି ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ।ଏହି ଦାବିପତ୍ର ପ୍ରଦାନ ସମୟରେ ଚାଷୀ ନେତା ମାନଙ୍କ ମଧ୍ୟରେ ବାବାଜୀ ଜେନା,ରଶ୍ମିରଂଜନ ରଥ,ସୁବାସ ମହାନ୍ତି,ଭରତ ଚନ୍ଦ୍ର ନାୟକ,ମିଟୁ ଦାସ,ରଞ୍ଜନ ମହାନ୍ତି,ଜୟପ୍ରକାଶ ମହାନ୍ତି,ଦେବକ ସାହୁ,ଅମୂଲ୍ୟ ମହାନ୍ତି,ନୀଳମଣୀ ବାରିକ,ବୃନ୍ଦାବନ ସ୍ୱାଇଁ,ସରୋଜ ମହାନ୍ତି ଙ୍କ ସମେତ ଅନେକ ଚାଷୀ ନେତା ଉପସ୍ଥିତ ଥିଲେ।

## କରିଲୋପାଟଣା କଲେଜରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ମାର୍ଶାଘାଇ,୮।୨(ସମିସ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡଃ ସର୍ବେଶ୍ୱର ସେଣ, ନିରୋଜ କୁମାର ଦାସ, ପ୍ରଫୁଲ୍ଲ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଡଃ ମୋନାଲିସା ନାୟକ ଓ ଅଧ୍ୟାପକ ହୃଷିକେଶ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡଃ ସରୋଜ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଡଃ ସୁନୀତା ମହାନ୍ତି, ମହେଶ୍ୱର ଭୋଇ, ସୁବ୍ରତ ଜେନା, ଚନ୍ଦ୍ରମଣି ଦାସ ପ୍ରମୁଖ ସହଯୋଗ କରିଥିଲେ। କବିତା ଲିଖନ, କବିତା ପଠନ, ପ୍ରବନ୍ଧ, ବ୍ୟାକରଣ, ସୁନ୍ଦର ହସ୍ତାକ୍ଷର, ସାଧାରଣ ଜ୍ଞାନ, ଭଜନ ଧ୍ୟାନ ଏହି ୭ଟି ବିଭାଗରେ ପ୍ରତିଯୋଗିତା କରାଯାଇ ୭୧ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୬ରୁ ମହୁଲିଆରେ ସନାତନ ଧର୍ମ ସମ୍ମିଳନୀ

**ରାଜନଗର,୮।୨(ସମିସ):** ଜଗତ୍‌ଗୁରୁଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ୫୪ତମ ବାର୍ଷିକ ଉତ୍ସବ, ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତମିଳନ ଉତ୍ସବ ଚଳିତମାସ ୧୬ ତାରିଖ ଠାରୁ ୧୯ ତାରିଖ ଯାଏଁ ରାଜନଗର ବ୍ଲକର ମହୁଲିଆଠାରେ ଅନୁଷ୍ଠିତ ହେବ। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ୧୬ ତାରିଖ ଦିନ ପ୍ରାତଃ ୬ ଘଟିକାରୁ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀଙ୍କ ପୂଜା ଅନୁଷ୍ଠିତ ହେବ। ସଂଧ୍ୟାରେ ଠାକୁରଙ୍କ ଷୋଡଶ ଉପଚାର ପୂଜା ପରେ ଶାନ୍ତି ଆନନ୍ଦ ଆଶ୍ରମ କରମଳାର ବାବାଜୀ ହରେକୃଷ୍ଣ ଦାସ ଏହି ସନାତନ ଧର୍ମ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଧର୍ମସଭାରେ ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ପରମେଶ୍ୱର ଦାସ, ବାବାଜୀ ସତ୍ୟ ପ୍ରଜ୍ଞାନନ୍ଦ ଦାସ, ବାବାଜୀ ଧର୍ମାନନ୍ଦ ଦାସ, ବାବାଜୀ ରତ୍ନାକର ଦାସ, ସାଧୁ ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୭ ତାରିଖ ପ୍ରଭାତୀ କୀର୍ତନ ମଙ୍ଗଳ ଆଳତୀ ପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଦିନ ୧୦ଟା ରେ ଆୟୋଜିତ ଧର୍ମସଭାରେ ବାବାଜୀ ସଦାନନ୍ଦ ଦାସ, ବାବାଜୀ ଶେଷଦେବ ଦାସ, ବାବାଜୀ ବୁଦ୍ଧଦେବ ଦାସ, ବାବାଜୀ ନୀଳମଣି ଦାସ, ବାବାଜୀ ରାଧାରମଣ ଦାସ, ବାବାଜୀ ଅଦ୍ୱୈତ ଦାସ, ବାବାଜୀ ଦତାତ୍ରେୟ ଦାସ, ବ୍ରହ୍ମଚାରୀ ହରିହରସ ଦାସ ଓ ସଂଧ୍ୟାରେ ସଦ୍‌ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରୁତିସାଗର ସରସ୍ୱତୀ, ବାବାଜୀ ଶ୍ୟାମାନନ୍ଦ ଦାସ ପ୍ରମୁଖ ଆଶ୍ରିର୍ବଚନ ପ୍ରଦାନ କରିବେ। ୧୮ ତାରିଖ ଦିନ କଟକ ବଡ ମେଡିକାଲର ଡାକ୍ତରଙ୍କ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ବାବାଜୀ ବନବିହାରୀ ଦାସ, ବାବାଜୀ ସତ୍ୟାନନ୍ଦ ଦାସ, ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ, ଅଧିକାରୀ ଦିବ୍ୟକୃଷ୍ଣ ଦାସ, ସ୍ୱାଧୀରଂଜିତା ପ୍ରିୟ ଭାଷିଣୀ, ସ୍ୱାମୀ ରାମପତି ମହାରାଜ ଓ ସଂଧ୍ୟାରେ ବାବାଜୀ ବିପିନି ବିହାରୀ ଦାସ, ସ୍ୱାମୀ ଅଭିରାମ ସରସ୍ୱତୀ, ଆଚାର୍ଯ୍ୟ ବାବାଜୀ ବିଶ୍ୱନାଥ ଦାସ, ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ସ୍ୱାମୀ ରଜତାନନ୍ଦ, ବ୍ରହ୍ମଚାରୀ ସତ୍ୟଚୈତନ୍ୟ, ବାବା ଅରକ୍ଷିତ ଦାସ ପ୍ରମୁଖ ଆଶ୍ରିର୍ବଚନ ପ୍ରଦାନ କରିବେ। ୧୯ ତାରିଖରେ ବିଭିନ୍ନ ସାଧୁସନ୍ଥମାନେ ଆଶ୍ରିର୍ବଚନ ପ୍ରଦାନ କରିବେ। ଉଦ୍‌ଯାପନୀ ଅଧିବେସନରେ ପ୍ରଜ୍ଞାମିଶନ କ୍ରିୟାଯୋଗ ଆଶ୍ରମ ପୁରୀର ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟେକ ଦିନ ସଂଧ୍ୟାରେ ଠାକୁରଙ୍କ ଭଜନ କାର୍ଯ୍ୟକ୍ରମ ସହିତ ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳାଭିନୟ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ପାଲା ଆଦି କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡା ଓ ସେବକ ଅଭୟ ବାବା ଜଣାଇଛନ୍ତି।

## ଗାୟତ୍ରୀ ପରିବାରର ଜିଲ୍ଲା ସମନ୍ୱୟ ବୈଠକ

**ପଟ୍ଟାମୁଣ୍ଡାଇ, ୮।୨(ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗୁଲନଗର ଗାୟତ୍ରୀ ପୀଠରେ ଜିଲ୍ଲାସ୍ତରୀୟ ସମନ୍ୱୟ ଓ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଧ୍ୱଜା ଉତ୍ତୋଳନ ଓ ବେଦ ଗାୟତ୍ରୀ ମନ୍ତ୍ର ପାଠ ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜୋନ ପ୍ରଭାରୀ ବଳରାମ ସାହୁ, ସହପ୍ରଭାରୀ କୃପାସିନ୍ଧୁ ଷଡଙ୍ଗୀ ଶାନ୍ତିକୁଞ୍ଜ ପ୍ରତିନିଧି ଭାବେ ଯୋଗ ଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗାୟତ୍ରୀ ପରିବାରର ବିଭିନ୍ନ କାର୍ଯ୍ୟକ୍ରମ ସୁପରିଚାଳନ ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ପ୍ରଭାତ ପାତ୍ର ମୁଖ୍ୟ ସଂଯୋଜକ, ପ୍ରଦୀପ ସାମଲ ସହସଂଯୋଜକ, ରାଜକିଶୋର ଜେନା, ସ୍ରୋତସ୍ୱିନୀ ପାତ୍ର, ସରୋଜ ଆଚାର୍ଯ୍ୟ, ସସ୍ମିତା ବେହେରା, ସ୍ମୃତିକାନ୍ତ, ଚଞ୍ଚଳା ସାହୁ, ପ୍ରକାଶ ଦାସ ପ୍ରମୁଖଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରଯାଇଥିଲା।

## ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଉପକରଣ ବଣ୍ଟନ



**ଏରସମା,୮।୨(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ସହାୟକ ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ୍ ପାରାଦୀପ ଓ ଆଲିମକୋ ସହାୟତାରେ ବ୍ଲକ୍‌ର ୧୨୬ ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ବ୍ୟାଟେରୀଚାଳିତ ତିନିଚକିଆ ସାଇକଲ, ଅଣ୍ଟା ବେଲ୍ଟ, ଟ୍ରାଇ ସାଇକଲ ଓ ଆସାବାଡ଼ି ପ୍ରଭୃତି ବିତରଣ କରାଯାଇଛି। ଏ ଉପଲକ୍ଷେ ବାମଦେଇପୁର ପଞ୍ଚାୟତ ସରପଞ୍ଚ ବୈଜୟନ୍ତୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଆଇଓସିଏଲ୍ ବରିଷ୍ଠ ଅଧିକାରୀ ବିପି ସୁବୁଦ୍ଧି, ଏରସମା ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ କୁମାର ପରିଡା, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ହରିହର ଲିଙ୍ଗରାଜ ମହାନ୍ତି, ପୂର୍ବତନ ସରପଞ୍ଚ ବିଭୂରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସହାୟକ ଉପକରଣ ବିତରଣ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର ପାଇଁ ମସୁଧା, ଜନସାଧାରଣଙ୍କ ବିରୋଧ

**ବିରିଡି, ୮।୨(ସମିସ):** ବାଗଲପୁର କସ୍ବାଠାରେ ବ୍ରିଟିସ ସମୟରୁଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଜଗତସିଂହପୁର ଜିଲ୍ଲା ବିରିଡି ତହସିଲ ଅଧିନରେ ରହି କାର୍ଯ୍ୟକ୍ଷମ ଅଛି।ଉକ୍ତ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମସୁଧା ଚାଲିଥିବା ଜଣାପଡିବାପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସମେତ ଅନ୍ୟ ପଞ୍ଚାୟତର ଅଧିବାସୀମାନେ ଘୋର ବିରୋଧ କରୁଛନ୍ତି। ବର୍ତ୍ତମାନ ଅବସ୍ଥିତି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସୁରକ୍ଷିତ ସ୍ଥାନରେ ଥିବାବେଳେଏହାର ଭିତ୍ତିଭୂମି ସ୍ଥାପନ କରାଯିବା ସହ ରାଜକୋଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଇଛି। ତେଣୁ ଏହି କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରିତ



କରାଯିବା ପାଇଁ ମସୁଧା ଚାଲିଥିବାରୁ ଏହାକୁ ତୁରନ୍ତ ରୋକ୍ ଲଗାଇବାକୁ ବାବାଜୀ ଚରଣ ପରିଡା, ବସନ୍ତ ନାୟକ, ନାରାୟଣ ନାୟକ, ପ୍ରଫୁଲ ନାୟକ, ସନ୍ତୋଷ ନାୟକ, ପ୍ରମୋଦ ନାୟକ, ନିରଞ୍ଜନ ନାୟକ, ଶଶିଭୂଷଣ ନାୟକ, ଶରତ ନାୟକ, ନୟନ ରଞ୍ଜନ ନାୟକ, ନିହାର ରଞ୍ଜନ ଦାସ, ବିଶ୍ୱନାଥ ଦାସ, ଜଗନ୍ନାଥ ଦାସ, ଧନେଶ୍ୱର ବେହେରା, ହଳଧର ବେହେରା,ଲିଙ୍ଗା ବାହାଲିଆ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଦାବୀ ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସଞ୍ଜୟ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାର ନେବାରୁ ଜଣାପଡିଛି ଯେ ପୂର୍ବରୁ କସ୍ବା ପାଖରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସର୍କଲର ଲୋକମାନଙ୍କ ଗମନାଗମନ ତଥା ବିଶେଷ କରି ସେଠାରେ ଚୋରୀ ଘଟୁଥିବାରୁ ଏବଂ ଲୋକମାନଙ୍କ ସୁବିଧା ପାଇଁ ନୂତନ ଭାବେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବାଗଲପୁର ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ କରାଯିବା ପାଇଁ ନିଷ୍ପତି ନିଆଯାଇଛି।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସଭା ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମହାକାଳପଡ଼ା,୮।୨(ସମିସ):** ମହାକାଳପଡ଼ା ବ୍ଲକ ଚଡାଇଗୁଆଁ ଯୁଗରୂପା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ନାୟକଙ୍କ ଅବସରକାଳୀନ ସଭା ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେଉରା, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା, ଏବିଇଓ ବିଚିତ୍ରାନନ୍ଦ ସାମଲ, ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପାଇକରାୟ, ମୋ ସ୍କୁଲ କମିଟି ସଭାପତି ପ୍ରଭାସ ରଞ୍ଜନ ବିଶ୍ୱାଳ, ସିଆରସିସି ଶିଶିର କୁମାର ପରିଡା, ରତ୍ନଶ୍ରୀ ସାମନ୍ତରାୟ, ଭାସ୍କର ଚନ୍ଦ୍ର ସାମଲ, ଆଦିକନ୍ଦ ସାହୁ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ଅବସର ନେଉଥିବା ପ୍ରଧାନ ଶିକ୍ଷକ ଶ୍ରୀ ନାୟକଙ୍କ ପତ୍ନୀ ବୈଜୟନ୍ତୀ ସାହାଣୀ ଓ ପୁତ୍ର ବିଶ୍ୱଜିତ ପଟ୍ଟନାୟକ ମୋ ସ୍କୁଲ କମିଟି ଆକାଉଣ୍ଟକୁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ଦାସ, ନିରୂପମା ପଣ୍ଡା, କ୍ରୀଡ଼ା ଶିକ୍ଷକ ଅରୁଣ ଚରଣ ବିଶ୍ୱାଳ, ଅକ୍ଷୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଳ୍ପନା ବେହେରା, ପ୍ରଶାନ୍ତୀ ସ୍ୱାଇଁ, ସୁଶ୍ରୀ ପ୍ରଜ୍ଞା ପରମିତା, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ତୁଷାର କାନ୍ତ ସାମନ୍ତରାୟ, ଦୁର୍ଗାପ୍ରସାଦ ରାଉତ, ରୋହିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।




## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ବାଲିକୁଦା,୮।୨(ସମିସ):** ବାଲିକୁଦା ଥାନାର ନୂତନ ଅଧିକାରୀ ଭାବେ ପ୍ରିୟବ୍ରତ ରାଉତ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନଙ୍କ ଢେଙ୍କାନାଳ ସଦର ଥାନାକୁ ବଦଳି ହେବା ପରେ ଶ୍ରୀ ରାଉତ ବାଲିକୁଦା ଥାନାରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ କ୍ରିଷ୍ଣାନନ୍ଦପୁର ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ବାଲିକୁଦା ଥାନାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଥାନା ପକ୍ଷରୁ ଏସଆଇ ପ୍ରଶାନ୍ତ କୁମାର ବେହେରା, ରାଜଶ୍ରୀ ପଣ୍ଡା, ଏଏସଆଇ ମଙ୍ଗୁଳି ଚରଣ ବେହେରା, ଜ୍ଞାନେନ୍ଦ୍ର ଦାସ, ସୁବ୍ରତା ସ୍ୱାଇଁ, ରମେଶ ସ୍ୱାଇଁ, କନେଷ୍ଟବଳ ସଞ୍ଜୟ କୁମାର ମହାନ୍ତି, କ୍ରିଷ୍ଣାପ୍ରିୟା ବରାଳ, ନଗର କିଶୋର ଦାସ ପ୍ରମୁଖ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



ଆଇନ ଶୃଙ୍ଖଳା ଦିଗରେ ସମଗ୍ର ବାଲିକୁଦା ଅଞ୍ଚଳରେ ସେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## କବି ପୀତାମ୍ବର ତରାଇ ପାଇବେ 'ନୀଳକଇଁ କବିତା' ସମ୍ମାନ

**କୁଜଙ୍ଗ, ୮।୨(ସମିସ):** ଚଳିତବର୍ଷ 'ନୀଳକଇଁ କବିତା' ସମ୍ମାନ ପାଇବେ କବି ପୀତାମ୍ବର ତରାଇ। ୧୫ ବର୍ଷ ଧରି ଭୁବନେଶ୍ୱରରୁ ପ୍ରକାଶିତ ସାହିତ୍ୟ ପତ୍ରିକା ନୀଳକଇଁ ପକ୍ଷରୁ ଜଗତସିଂହପୁର ଜିଲ୍ଲାର ସଦର ମହକୁମାରେ ପାଳନ ଅବସରରେ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ସମ୍ପାଦିକା ସସ୍ମିତା ଦାସ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସାହିତ୍ୟ ମହାମଞ୍ଚରେ ଏହି ସମ୍ମାନ କବି ଶ୍ରୀ ତରାଇଙ୍କୁ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିବାରୁ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ପ୍ରିୟବନ୍ଧୁ ସଭାପତି ରଘୁନାଥ ସାହୁ, ଅଗ୍ରଦୂତ ସଭାପତି ବାବୁରାମ ଚୌଧୁରୀ, ମେଘ ମହ୍ଲାର ସଭାପତି ଡଃ କେଶବ ଚନ୍ଦ୍ର ଦଳାଇ, ସମାଜସେବୀ ବିଜୟ କୁମାର ଖଟେଇ ଅଭିନନ୍ଦନ ଜଣାଇଛନ୍ତି।

## ଅବସରପ୍ରାପ୍ତ ଗ୍ରାମ ସେବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା



**କେନ୍ଦ୍ରାପଡ଼ା,୮।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅବସରପ୍ରାପ୍ତ ଗ୍ରାମ ସେବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗ୍ରାମ ପଞ୍ଚାୟତ ସମ୍ପାଦକ ପଦବୀରୁ ସରକାରୀ ଭାବେ ଗ୍ରାମ ସେବକ ପଦକୁ ପଦୋନ୍ନତି ପାଇ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ବୈଠକ ତିନିମୁହାଣି ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶ ମତେ ରାଜ୍ୟ ସରକାର ଚଳିତ ବର୍ଷ ଜାନୁଆରୀ ୩୧ ତାରିଖରେ ସର୍ବନିମ୍ନ ପେନସନ ଦେବାପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ ବିଜ୍ଞପ୍ତି ମତେ ୨୦୦୯ ଜୁନ ମାସଠାରୁ ଓ ଅବସର ନେବା ଦିନଠାରୁ ଏହି ଆର୍ଥିକ ସୁବିଧା ୧୨ ହଜାର ୧୧୮ ଟଙ୍କା କରି ମାସିକ ଲାଗୁ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ସଚିବ ଓ ଅର୍ଥ ବିଭାଗ ସଚିବଙ୍କ ନିକଟରେ ସଂଘର ସଂଯୋଜକ ମଦନ ମୋହନ ବେହେରା ଓ ସଂଗ୍ରାମ କେଶରୀ ସାମଲ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ଦିବ୍ୟାଙ୍ଗ କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ






**କେନ୍ଦ୍ରାପଡ଼ା,୮।୨(ସମିସ):** ସମାଜରେ ଉଭୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଦିବ୍ୟାଙ୍ଗ ମହିଳାଙ୍କୁ ଆତ୍ମସମ୍ମାନର ସହ ଜୀବିକା ନିର୍ବାହର ସୁଯୋଗ ଦେବାକୁ ପୁନର୍ବାସ ପକ୍ଷରୁ ଜିଲ୍ଲାର ଭିନ୍ନକ୍ଷମ କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ସ୍ଥାନୀୟ ଅମର ଉଦ୍ୟାନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।

ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ ଦିନିକିଆ ପରିଦର୍ଶନରେ କେନ୍ଦ୍ରାପଡ଼ା ଆସିଥିବା ସମୟରେ ପ୍ରଥମେ ସେ ପୁନର୍ବାସର ଥେରାପି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେ ଭିନ୍ନକ୍ଷମ ଶିଶୁଙ୍କ ଥେରାପୀ ସେବାର ଅଗ୍ରଗତିର ସମୀକ୍ଷା କରିବା ସହିତ ଉପସ୍ଥିତ ଥିବା ଅଭିଭାବକଙ୍କୁ ସେମାନଙ୍କ ଧୈର୍ଯ୍ୟ ଓ ଉଦ୍ୟମକୁ ପ୍ରଶଂସା କରିଥିଲେ। ପରେ ସେ ଅମର ଉଦ୍ୟାନ ମଣ୍ଡପରେ ଜିଲ୍ଲାର ୫ଜଣ ଭିନ୍ନକ୍ଷମ ମହିଳା କ୍ଷୁଦ୍ର ଉଦ୍ୟୋଗୀ ମାର୍ଶାଘାଇର ତୃପ୍ତିମୟୀ ଦାସ, ଖମାଙ୍ଗର ସୁନୀତା ଚାନ୍ଦ, ସଂଗ୍ରାମପୁର ଶାସନର ସଂଯୁକ୍ତା ଦାସ, ଡାଙ୍ଗମାଳର ସୁମତୀ ବିଶ୍ୱାଳ ଓ କରିଲୋପାଟଣାର ଅନ୍ନପୂର୍ଣ୍ଣା ସାମଲ ଆଦି ପ୍ରତ୍ୟେକଙ୍କୁ ୧୨ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡଃ ବିରଜା ରାଉତରାୟ ଯୋଗଦେଇ ଦିବ୍ୟାଙ୍ଗ ମହିଳା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଏହି ସହାୟତାର ଉଦ୍ୟମ ଅନ୍ୟ ବେସରକାରୀ ତଥା କର୍ପୋରେଟ ସ୍ତରରେ ଏହି ଦୁର୍ବଳ ଓ ପଛୁଆ ବର୍ଗଙ୍କୁ ସହଯୋଗର ଏକ ମାର୍ଗ ଉନ୍ମୁକ୍ତ କରିବ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏ ଅବସରରେ ପୁନର୍ବାସର ସଭ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜହିଦ ଖାନ, ଶେଷଦେବ ପ୍ରସାଦ ଦାସ, ନିରଞ୍ଜନ ମଙ୍ଗରାଜ, କ୍ଷୀରୋଦ କୁମାର କର, ସ୍ୱପ୍ନାଂଶୁ କୁମାର ଦାସ, ସଂଗ୍ରାମ ଚୌଧୁରୀ, ମନୋଜ ମହାନ୍ତି, ଥେରାପିଷ୍ଟ ରଚିତା ଜେନା, ଗୁଞ୍ଜନସ୍ମିତା ବେହେରା, ଶୁଭଶ୍ରୀ ଦାସ, ଚନ୍ଦନ କୁମାର ଜେନା, ଦେବାଶିଷ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ କାଉନସିଲର ସଞ୍ଜୀବ କୁମାର ଜେନା, ରଞ୍ଜନ କୁମାର ସ୍ୱାଇଁ, ମନୋଜ ବିଶ୍ୱାଳ, ନିହିର ରଞ୍ଜନ ବାରିକ ଓ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପରେ ଭିନ୍ନକ୍ଷମ ଆୟୁକ୍ତ କ୍ୟାମ୍ପକୋର୍ଟ ମାଧ୍ୟମରେ ୧୨ଟି ଅଭିଯୋଗର ଶୁଣାଣି କରିଥିଲେ। ଦୁଇଗୋଟି ଭତ୍ତା ପ୍ରଦାନ ନିମନ୍ତେ ତ୍ୱରିତ ଆଦେଶ ଦେଇଥିଲେ। ଏଥିରେ ସମ୍ପୃକ୍ତ ପକ୍ଷ, ଅଧିକାରୀ ଓ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

